# Akashvani, Sambalpur

## SAMBALPURI NEWS BULLETIN

### 7 March 2025- 6.47- 6.52 am.

**********************************************

ମହିଳା ଦିବସ୍- ରାଷ୍ଟ୍ରପତି ପି.ଆଇ.ବି.

କେନ୍ଦ୍ର ମହିଳା ଆଉ ଶିଶୁ କଲ୍ୟାଣ୍ ମନ୍ତ୍ରଣାଳୟ ତରଫୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏବାକାଏଲ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ 'ନାରୀ ଶକ୍ତି ଜରିଏ ବିକଶିତ୍ ଭାରତ୍' ବାବଦ୍ ଜାତୀୟସ୍ତରୀୟ ସମ୍ମିଳନୀ ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଉଦ୍‌ଘାଟନୀ ଉତ୍ସବ୍ ଉତ୍‌ରୁ ଭିନ୍ ଭିନ୍ କ୍ଷେତ୍ରର୍ ସଫଲ୍ ମହିଲାମାନ୍‌କୁ ନେଇକରି ଗୁଟେ ଆଲୋଚନା ଚକ୍ର ହେବା । ଇଥି ଏସ୍‌ଟିଇଏମ୍ ବେପାର୍, ଖେଲ୍, ଗଣମାଧ୍ୟମ୍ ଆର୍ ପ୍ରଶାସନିକ୍ କ୍ଷେତ୍ରର୍ ଆଗ୍‌ଧାଡ଼ିର୍ ମହିଳାମାନେ ଭାଗ୍ ନେବେ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏଜ୍ ଠାନୁ ମୁଲ୍ ହେବା । ଇ ଖେପ୍ ଏପ୍ରିଲ୍ ୫ ତାରିଖ୍‌ତକ୍ ଚାଲ୍‌ବା । ଆଘୋନୁ ଧାରିଜ୍ କାର୍ଯ୍ୟସୂଚୀ ଅନ୍‌ସାରେ ଆଏଜ୍ ଭିନ୍ ଭିନ୍ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହ ନ ଉପସ୍ଥାପନ୍ ହେବା । ସେନ୍ତା ଆଏବା ୧୦ ତାରିଖ୍‌ନୁ ୨୦୨୫-୨୬ ବଜେଟ୍‌ଥି ଭିନ୍ ଭିନ୍ ବିଭାଗ୍ ଲାଗି ଧାରିଜ୍ ଅନୁଦାନ୍ ଉପ୍‌ରେ ଆଲୋଚନା ମୁଲ୍ ହେଇକରି ୨୮ ତାରିଖ୍‌ତକ୍ ଚାଲ୍‌ବା । ୨୯ ତାରିଖ୍ ଗୃହ ନ ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ ହେବା ।
ଇନ ଜନେଇ ଦିଆଯାଇପାରେ, ବଜେଟ୍ ଅଧିବେଶନ୍‌ର ପହେଲା ଖେପେ ଗଲା ମାସର୍ ୧୭ ତାରିଖ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ୨ ଲାଖ୍ ୯୦ ହଜାର୍ କୋଟି ଟଙ୍କାର୍ ବଜେଟ୍ ଆଗତ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଥିବା ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀ ନ ଆଏଜ୍ ୮ ନମ୍ବର୍ ବେଚ୍ ଆରକ୍ଷୀ ଉପ ଅଧୀକ୍ଷକ ଆର୍ ୧୨ ନମ୍ବର୍ ବେଚ୍ ଉପ ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀ

ମାନ୍‌କର୍ ଦୀକ୍ଷାନ୍ତ ସମାରୋହ ଆୟୋଜନ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସଖାଲର୍ ୯ ବଜେ ସମାରୋହଥି ଯୋଗ୍ ଦେଇକରି ପରେଡ୍‌ନୁ ଅଭିଭାଦନ୍ ଗ୍ରହଣ୍ କର୍‌ବାର୍ ସହେତେ ପ୍ରଶିକ୍ଷଣ୍ ନେଇସାରିଥିବା ଇ ଅଧିକାରୀମାନ୍‌କର୍ ଉତ୍ସାହ ବଢ଼ାବେ ।

ତାର୍ ଉତ୍‌ରୁ ଦିନର୍ ସାଢ଼େ ୧୧ ବଜେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବ୍‌ନେଶ୍ୱର୍ ନୂଆପଲ୍ଲୀ ଥାନା ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ୧୩ ଟା ଥାନାର୍ ନୂଆଁ କୋଠା ଆଭାସୀ ଜରିଏ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି  ଆର୍‌ଏନ୍‌ୟୁ/ ସମ୍ବଲପୁର

କଲିକତା ହାଇକୋର୍ଟର ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ପଦ୍‌ଥି ନିଯୁକ୍ତି ଦେବାର୍‌କେ ସୁପ୍ରିମ୍‌କୋର୍ଟ କଲିଜିୟମ୍ କେନ୍ଦ୍ର ସର୍‌କାର୍‌ଙ୍କୁ ସୁପାରିଶ୍ କରିଛନ୍ । ଓଡ଼ିଶା ହାଇକୋର୍ଟର ଆଘର୍ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଜାନୁଆରୀ ୧୯ ତାରିଖ୍ ଅବସର୍ ନେଲା ଉତ୍‌ରୁ ପଦ୍ ଖାଲି ପଡ଼ିଛେ । ଇହାଦେ

ବରିଷ୍ଠ ବିଚାର୍‌ପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା କାର୍ଯ୍ୟକାରୀ ବିଚାର୍‌ପତି ଭାବେ ଦାୟିତ୍ୱ ତୁଲଉଛନ୍ ।

ବିଦେଶୀ ଛାତ୍ରଛାତ୍ରୀ- ହେଲ୍ପଲାଇନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ସର୍‌କାରୀ, ବେସର୍‌କାରୀ ଆର୍ ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ ନ ପଢୁଥିବା ବିଦେଶୀ ଛାତ୍ରଛାତ୍ରୀମାନ୍‌କର୍ ସାହାଜ୍ ଲାଗି ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଗୁଟେ ଖାସ୍ ଶାଖା ଖୁଲାଯାଇଛେ । ଇ ଶାଖା ବିଦେଶୀ ଛାତ୍ରଛାତ୍ରୀ ମାନ୍‌କର୍ ସବୁ ସୁବିଧା ଅସୁବିଧା ବୁଝିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍ ସହେତେ ବିଭାଗ୍ ତର୍‌ଫୁ ଦୁଇଟା ହେଲ୍ପ ଲାଇନ୍ ନମ୍ବର୍ ୦୬୭୪-୨୩୨୩-୪୦୩ ଆର୍ ୦୬୭୪-୨୩୨୩-୪୦୪ ଜାରି କରାଯାଇଛେ । ଇ ହେଲ୍ପ ଲାଇନ୍ ନମ୍ବର୍ ଜରିଏ କାର୍ଯ୍ୟଦିବସ୍ ମାନ୍‌କେ ଦିନର୍ ସାଢ଼େ ୧୦ ନୁ ବେଲ୍‌ବୁଡ଼ର୍ ସାଢ଼େ ୫ ବଜେତକ୍ ଛାତ୍ରଛାତ୍ରୀ ମାନେ ଯୋଗଯୋଗ୍ କରିପାର୍‌ବେ ।

ରାଜସ୍ୱ ବିଭାଗ୍- ଆପ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜସ୍ୱ ବିଭାଗ୍ ତରଫୁ ଏପ୍ରିଲ୍ ୧ ତାରିଖ୍‌ନୁ ଲୁକ୍‌କର୍ ଲାଗି ଗୁଟେ ନୂଆଁ ଆପ୍ ବ୍ୟବସ୍ଥା କରାଯିବା । ଇ ଆପ୍ ଜରିଏ ଲୁକେ ଘରୁ ଥାଇକରି ଭିନ୍ ଭିନ୍ ପ୍ରମାଣ୍‌ପତ୍ର ଲାଗି ଆବେଦନ୍ କରିପାର୍‌ବେ । ଲୁକ୍‌କର୍ କାମେ ଅବ୍‌ହେଲା କଲେ ଅଧିକାରୀମାନେ ଆପ୍ ଜରିଏ ସିଧାସଲଖ୍ ଧରାପଡ଼୍‌ବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।

ଖାଦ୍ୟ ଯୋଗାଣ ମନ୍ତ୍ରୀ-ଶସ୍ୟ ଏଟିଏମ   ଆର୍‌ଏନ୍‌ୟୁ/
ସମ୍ବଲପୁର

ରାଏଜେ ଆଏବା ଦିନ୍ ମାନ୍‌କେ ଆହୁରି ଅଏତ୍‌କା ଅନ୍ନପୂର୍ତି ଆର୍ ଶସ୍ୟ ଏଟିଏମ୍ ଖୁଲାଯିବା । ହିତାଧିକାରୀମାନ୍‌କର୍ ସୁବିଧା ଲାଗି ଇ ଦିଗେ ପଦକ୍ଷେପ୍ ନିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଗଲାକାଏଲ୍ ମନ୍ତ୍ରୀ ଶ୍ରୀ ପାତ୍ର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍‌ର ପ୍ରତିନିଧିଙ୍କର୍ ସହେତେ ଭେଟ୍ ହେଲା ଉତ୍‌ରୁ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

ସୁଭଦ୍ରା ଦୀପ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ସଫଲତାକେ ନେଇକରି ଆଏଜ୍ ମହିଲା ଆଉ ସଶକ୍ତିକରଣ୍ ପରବ୍ ପାଲନ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆହ୍ୱାନ୍ କରାଯାଇଛେ । ଇ ଅବ୍‌ସରେ ଆଏଜ୍ ଘରେ ଘରେ ସୁଭଦ୍ରା ଦୀପ ଜାଲ୍‌ବାର୍ ଲାଗି ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୫ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ୨ ଲାଖ୍ ୩୦ ହଜାର୍ ହିତାଧିକାରୀଙ୍କୁ ବଂଟାଯାଇଥିଲା ।

କେନ୍ଦ୍ରୀୟ ବିଦ୍ୟାଳୟ -ନାଁ ଲେଖା          ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ବିଦ୍ୟାଳୟ ବାଲ୍‌ବାଟିକା-୧, ବାଲ୍‌ବାଟିକା-୩ ଆର୍ ୧ କ୍ଲାସ୍ ଥି ଆଏଜ୍‌ଠାନୁ ନାଁଲେଖା ଲାଗି ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଉଛେ । ଅନ୍‌ଲାଇନ୍ ପଞ୍ଜିକରଣ୍ ଲାଗି ୨୧ ତାରିଖ୍ ରାତିର୍ ୧୦ ବଜେତକ୍ ସମିଆ ରହିଛେ । ସେନ୍ତା ବାଲ୍‌ବାଟିକା -୨ ଆର୍ ୨ ନୁ ୧୦ କ୍ଲାସ୍ ତକ୍ ନାଁଲେଖା ଲାଗି ଏପ୍ରିଲ୍ ୨ ନୁ ପଞ୍ଜିକରଣ୍

ମୁଲ୍ ହେବା ବଲି କେନ୍ଦ୍ରୀୟ ବିଦ୍ୟାଲୟ ସଂଗଠନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ଓଡ଼ିଶା ପୁଲିସ୍ ଗ୍ରୁପ୍ -ବି ପରୀକ୍ଷା ସ୍ଥଗିତ୍ ଆର୍ଏନ୍ୟୁ/ ସମ୍ବଲପୁର

ଆଏବାକାଏଲ୍ ଆର୍ ପର୍ଦିନ ହେବାର୍କେ ଥିବା ଓଡ଼ିଶା ପୁଲିସ୍ ର ଗ୍ରୁପ୍ -ବି ପଦ୍ବୀର୍ ମିଳିତ ନିଯୁକ୍ତି ଲିଖିତ୍ ପରୀକ୍ଷାକେ କେନ୍ସି କାରଣ୍ ଲାଗି ସ୍ଥଗିତ୍ ରଖାଯାଇଛେ । ଇ ବାବ୍ଦେ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ଼ ତର୍ଫୁ ବିଜ୍ଞପ୍ତି ଜରିଏ ସୂଚ୍ନା ଦିଆଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ୨୪ ଘଂଟା ତକ୍ ପାଗ୍ ଏନ୍ତା ଶୁଖା ରହେବା । ତାର୍ ଉତ୍ରୁ ୨ନୁ ୩ ଡିଗ୍ରୀ ତକ୍ ଦିନର୍ ତାପମାତ୍ରା ବଢ଼୍ବା ହେଲେ ରାତିର୍ ତାପମାତ୍ରା ନାଇ ବଦ୍ଲେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।

ଗଲାକାଏଲ୍ ରାଏଜର୍ ସବୁନୁ ଜହ ତାତି ପାରଲାଖେମୁଣ୍ଡି ନ ୩୬ ଦଶମିକ୍ ୮ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ କରାଯାଇଛେ ।